# Phone call between Prime Minister and His Excellency Samdech Akka Moha Sena Padei Techo Hun Sen, Prime Minister of Cambodia

June 10, 2020

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ମହାମହିମ ସମଦେକ ଅକ୍କା ମୋହା ସେନା ପଡୀ ଟେକୋ ହୁନ ସେନଙ୍କ ମଧ୍ୟରେ ଫୋନରେ ବାର୍ତ୍ତାଳାପ

**ଜୁନ** 10, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି କାମ୍ବୋଡିଆର ପ୍ରଧାନମନ୍ତ୍ରୀ ମହାମହିମ ସମଦେକ ଅକ୍କା ମୋହା ସେନା ପଡୀ ଟେକୋ ହୁନଙ୍କ ସହିତ ଫୋନରେ କଥା ହୋଇଛନ୍ତି।

କୋଭିଡ-19 ମହାମାରୀ ପ୍ରସଙ୍ଗରେ ଦୁଇ ନେତା ଆଲୋଚନା କରିଥିଲେ। ପରସ୍ପର ଦେଶର ପ୍ରବାସୀମାନଙ୍କୁ ସାହାଯ୍ୟ କରିବା ଓ ସେମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା ପାଇଁ ଜାରି ରହିଥିବା ସହଯୋଗକୁ ବଜାୟ ରଖିବାକୁ ସେମାନେ ସହମତ ହୋଇଥିଲେ।

ଆସିଆନର ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ତଥା ଭାରତ ସହିତ ସଭ୍ୟତାଗତ ଓ ସାଂସ୍କୃତିକ ସମ୍ପର୍କ ଥିବା କାମ୍ବୋଡିଆ ସହିତ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ଭାରତ ପ୍ରତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ପ୍ରକାଶ କରିଥିଲେ।

ଦୁଇ ନେତା ଆଇଟେକ ସ୍କିମ୍ ଅନ୍ତର୍ଗତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ମେକୋଙ୍ଗ-ଗଙ୍ଗା ସହଯୋଗ ଢାଞ୍ଚା ଅନ୍ତର୍ଗତ ଦ୍ରୁତ ପ୍ରଭାବ ପ୍ରକଳ୍ପ ସମେତ ଉଭୟ ଦେଶ ମଧ୍ୟରେ ଦୃଢ ବିକାଶ ସହଯୋଗର ସମୀକ୍ଷା କରିଥିଲେ।

କାମ୍ବୋଡିଆ ପ୍ରଧାନମନ୍ତ୍ରୀ ଭାରତ ସହ ସମ୍ପର୍କକୁ ଗୁରୁତ୍ୱ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ସମ ଭାବନା ବ୍ୟକ୍ତ କରିବା ସହିତ ଭାରତର ଆକ୍ଟ ଇଷ୍ଟ ନୀତିରେ କାମ୍ବୋଡିଆର ମୂଲ୍ୟବାନ ଭୂମିକା ଉପରେ ଜୋର ଦେଇଥିଲେ।

**ନୂଆଦିଲ୍ଲୀ**
**ଜୁନ** 10, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.